**ପ୍ରେସ୍ ବିଜ୍ଞପ୍ତି**

### ବିଶ୍ୱପରିବେଶ ସପ୍ତାହ ପାଳନ ଅବସରରେ

## "ବସ୍ତି ସଫେଇ ଓ ଆସ ଆମ କର୍ପୋରେଟରଙ୍କୁ ମିଶିବା ଅଭିଯାନ"

ବ୍ରହ୍ମପୁର ସହରର ବସ୍ତି ଅଞ୍ଚଳ ଶିଶୁମାନଙ୍କ ପାଇଁ ନିରାପଦ ଓ ସୁସ୍ଥ ପରିବେଶ ସୃଷ୍ଟି କରିବା ଏବଂ ଶିଶୁ ମାନଙ୍କୁ ଭବିଷ୍ୟତରେ ଏକ ସୁନାଗରିକ ରୂପେ ଗଢିତୋଳିବା ପାଇଁ ୟୁଥ ଫର ସୋସିଆଲ୍ ଡେଭଲପମେଣ୍ଟ ସଂସ୍ଥା ତରଫରୁ ୧୫ଟି ବସ୍ତିରେ ଏକ ଅଭିଯାନ ଆରମ୍ଭ କରାଯାଇଛି । ବସ୍ତିରେ ବାସ କରୁଥିବା ଛୋଟ ଶିଶୁ ଓ ବସ୍ତି ବାସିନ୍ଦାଙ୍କ ସହାୟତାରେ ଗଠନ କରାଯାଇଥିବା ଶିଶୁ ସଂଘ (Child Club) ତରଫରୁ ଆଜି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବସ୍ତି ସଫେଇ ଓ ଆସ ଆମ କର୍ପୋରେଟରଙ୍କୁ ମିଶିବା ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା ଛୋଟ ଶିଶୁ ଓ ବସ୍ତି ବାସିନ୍ଦାଙ୍କ ସହାୟତାରେ ବସ୍ତିର ପରିବେଶକୁ ସୁସ୍ଥ ଓ ନିରାପଦ ରଖିବା, ଦିତ୍ୱୀୟତଃ ବସ୍ତି ବାସିନ୍ଦା ଓ ଜନସାଧାରଣଙ୍କ ମଧ୍ୟରେ ସୁସ୍ଥ ଓ ନିରାପଦ ପରିବେଶ ପାଇଁ ଜନସଚେତନତା ଓ ଜାଗରଣ ସୃଷ୍ଟି କରିବା, ତୃତୀୟରେ ନିର୍ବାଚିତ ପ୍ରତିନିଧି ଓ ବ୍ରହ୍ମପୁର ମହାନଗର ନିଗମର ମୁଖ୍ୟ କର୍ମଚାରି ମାନଙ୍କୁ ମିଶି, ବ୍ରହ୍ମପୁର ବସ୍ତି ଅଞ୍ଚଳରେ ଶିଶୁମାନଙ୍କ  ସୁସ୍ଥ ଓ ନିରାପଦ ପରିବେଶ ପାଇଁ ଆବଶ୍ୟକୀୟ ସେବା ଓ ଅର୍ଥ ଯୋଗାଇଦେବା ପାଇଁ ଦାବି ଉପସ୍ଥାପନ କରିବା ।

ଏହି କାର୍ଯ୍ୟକ୍ରମରେ ୧୫ଟି ବସ୍ତିର ୧୫ଟି ଶିଶୁ ସଂଘର ପ୍ରାୟ ୪୦୦ ଶିଶୁ ବସ୍ତି ସଫେଇ କାର୍ଯ୍ୟକ୍ରମରେ ଭାଗନେଇଛନ୍ତି । ବସ୍ତି ବାସିନ୍ଦା ଏବଂ ସହରର ସାଧାରଣ ଜନତାଙ୍କ ମଧ୍ୟରେ ସୁସ୍ଥ ଓ ନିରାପଦ ପରିବେଶ ପାଇଁ ସଚେତନତା ସୃଷ୍ଟି କରିଛନ୍ତି । ଏହି କାର୍ଯ୍ୟକ୍ରମ ୫ଜୁନ୍ ୨୦୧୩ ରୁ ଆରମ୍ଭ ହୋଇ ୧୧ଜୁନ୍ ୨୦୧୩ ସପ୍ତାହ ବ୍ୟାପି ପ୍ରତିଦିନ ସକାଳ ୭-୧୦ ପର୍ଯ୍ୟନ୍ତ ଚାଲୁରହିବ ଏବଂ ପରେପରେ ଶିଶୁ ସଂଘର ସଦସ୍ୟ ମାନେ ନିଜ ନିଜ ବସ୍ତିର ନିର୍ବାଚିତ ପ୍ରତିନିଧି (**କର୍ପୋରେଟର**)ଙ୍କୁ ମିଶି ସୁସ୍ଥ ନିରାପଦ ପରିବେଶ ପାଇଁ ସ୍ମାରକ ପତ୍ର ପ୍ରଦାନ କରିବେ ।

ପ୍ରକାଶ ଥାଉକି ୟୁଥ ଫର ସୋସିଆଲ ଡେଭଲପମେଣ୍ଟ ୨୦୦୫ ମସିହାରୁ ବ୍ରହ୍ମପୁର ସହରରେ ଜନସାଧାରଣ ଓ ବସ୍ତି ବାସିନ୍ଦାଙ୍କ ମୌଳିକ ସେବାରେ ଉନ୍ନତି ଆଣିବା, ନାଗରିକ ସହଭାଗିତାରେ ସରକାରଙ୍କର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା ଓ ସଫଳ ରୂପାୟନ ଏବଂ ଗରିବ ଓ ସାଧାରଣ ନାଗରିକର ଅଧିକାର ପାଇଁ ଅହରହ ଚେଷ୍ଟିତ । ୨୦୧୩ ଆରମ୍ଭରୁ ୟୁଥ ଫର ସୋସିଆଲ ଡେଭଲପମେଣ୍ଟ ବ୍ରହ୍ମପୁର ସହରକୁ ଏକ ଶିଶୁ ବତ୍ସଳ ଓ ବସ୍ତି ଶୂନ୍ୟ ସହରରେ ପରିଣତ କରିବା ପାଇଁ ଶିଶୁ, ନାଗରିକ, ନିର୍ବାଚିତ ପ୍ରତିନିଧି, ସରକାର ଓ ସଭ୍ୟ ସମାଜ ମିଳିତ ସହଭାଗିତାରେ ଏକ କାର୍ଯ୍ୟକ୍ରମ ଚାଲୁରଖିଛି ।

*ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ*

**ୟୁଥ୍ ଫର ସୋସିଆଲ ଡେଭଲପ୍‌ମେଣ୍ଟ**
୬ ମେଡିକାଲ ବ୍ୟାଙ୍କ କଲୋନି, ବାପୁଜି ନଗର, ବ୍ରହ୍ମପୁର -୭୬୦୦୦୪,
ଫୋନ୍: - ୦୬୮୦-୬୪୫୦୮୦୪/୩୨୦୫୪୬୪, ୨୨୮୩୩୯୮
ଇମେଲ୍:-info@ysdindia.org
ୱେବସାଇଟ:- www.ysdindia.org

# କାର୍ଯ୍ୟକ୍ରମ

| ସାହି / ବସ୍ତିର ନାମ | ତାରିଖ | ସମୟ ସକାଳ | କାର୍ଯ୍ୟକ୍ରମ |
|---|---|---|---|
| ଧୋବାବନ୍ଧ ହୁଡା | ୪/୬/୨୦୧୩ | ୭-୯ | ସାହି ସଫେଇ |
| ଧୋବାବନ୍ଧ ହୁଡା | ୪/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ରଘୁପତି ନଗର କେନାଲ ହୁଡା | ୪/୬/୨୦୧୩ | ୭-୯ | ସାହି ସଫେଇ |
| ରଘୁପତି ନଗର କେନାଲ ହୁଡା | ୪/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ହରିଡାଖଣ୍ଡି ହରିଜନ ସାହି | ୪/୬/୨୦୧୩ | ୭-୯ | ସାହି ସଫେଇ |
| ହରିଡାଖଣ୍ଡି ହରିଜନ ସାହି | ୪/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ପୂର୍ଣ୍ଣବାସୀ କଲୋନୀ | ୬/୬/୨୦୧୩ | ୭-୯ | ସାହି ସଫେଇ |
| ଲେପ୍ରୋସି କଲୋନୀ | ୬/୬/୨୦୧୩ | ୭-୯ | ସାହି ସଫେଇ |
| ପୂର୍ଣ୍ଣବାସୀ କଲୋନୀ | ୬/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ଲେପ୍ରୋସି କଲୋନୀ | ୬/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ପଞ୍ଚଦେବାଳୟ ବାଉରି ସାହି | ୬/୬/୨୦୧୩ | ୭-୯ | ସାହି ସଫେଇ |
| ପଞ୍ଚଦେବାଳୟ ବନ୍ଧ ହୁଡା | ୬/୬/୨୦୧୩ | ୭-୯ | ସାହି ସଫେଇ |
| ପଞ୍ଚଦେବାଳୟ ବାଉରି ସାହି | ୬/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ପଞ୍ଚଦେବାଳୟ ବନ୍ଧ ହୁଡା | ୬/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ଆମ୍ବପୁଆ ବାଉରି ସାହି | ୭/୬/୨୦୧୩ | ୭-୯ | ସାହି ସଫେଇ |
| ଆମ୍ବପୁଆ ବାଉରି ସାହି | ୭/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ଲାଞ୍ଜିପଲି ତେଲୁଗୁ ସାହି | ୭/୬/୨୦୧୩ | ୭-୯ | ସାହି ସଫେଇ |
| ଲାଞ୍ଜିପଲି  ତେଲୁଗୁ ସାହି | ୭/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ଲାଞ୍ଜିପଲି ଗୌଡବନ୍ଧ ସାହି | ୭/୬/୨୦୧୩ | ୭-୯ | ସାହି ସଫେଇ |
| ଲାଞ୍ଜିପଲି  ଗୌଡବନ୍ଧ ସାହି | ୭/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ଜଗନ୍ନାଥ ନଗର | ୯/୬/୨୦୧୩ | ୭-୯ | ସାହି ସଫେଇ |
| ଗ୍ରାମଦେବତୀ ସାହି | ୯/୬/୨୦୧୩ | ୭-୯ | ସାହି ସଫେଇ |
| ପିଚିପିଚିଆ ନଗର | ୯/୬/୨୦୧୩ | ୭-୯ | ସାହି ସଫେଇ |
| ଜଗନ୍ନାଥ ନଗର | ୯/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ଗ୍ରାମଦେବତୀ ସାହି | ୯/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ପିଚିପିଚିଆ ନଗର | ୯/୬/୨୦୧୩ | ୧୦ | ଶିଶୁ ମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସାକ୍ଷାତ କରିବେ |
| ଖୋଡାସିଙ୍ଗି ନୂଆ ବାଉରି ସାହି | ୧୦/୬/୨୦୧୩ | ୭-୯ | ସାହି ସଫେଇ |
| ଡିମିରା ବାଉରି ସାହି | ୧୦/୬/୨୦୧୩ | ୭-୯ | ସାହି ସଫେଇ |
| ସମସ୍ତ ସାହିର ଶିଶୁ କ୍ଲବର ସଭ୍ୟ/ସଭ୍ୟା ମାନେ ମିଶି | ୧୦/୬/୨୦୧୩ | ୧୦ | କର୍ପୋରେଟର, **BMC** କମିଶନର ଓ ବସ୍ତି ଉନ୍ନୟନ ଅଧିକାରୀ ଙ୍କ ସହ ସାକ୍ଷାତ |